**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆଦିଲ୍ଲୀ–୧୧୦୦୦୧**

**ଫୋ.ନଂ–୨୩୦୦୫୭୦୦, ଫା.ନଂ–୨୩୦୦୫୭୮୭**

**ବି.ଜେ.ପି ର ରାଷ୍ଟ୍ରୀୟ ପ୍ରବକ୍ତା ଓ ସାଂସଦ ଶ୍ରୀ ପ୍ରକାଶ ଜାଭେଦକରଙ୍କର ପ୍ରେସ ବିଜ୍ଞପ୍ତି ।**

**ତା.୧୫.୦୧.୨୦୧୪**

ବି.ଜେ.ପି, ଇ.ପି.ଏସ ୯୫(ଇ.ପି.ଏଫ ପେନସନ) କୁ ୧୦୦୦ ଟଙ୍କା ସ୍ଥାନରେ ୩୦୦୦ ଟଙ୍କାକୁ ବୃଦ୍ଧି କରାଇବାକୁ ଦାବି କରିବା ସହ ଦିଆ ଯାଉଥିବା ଇ.ପି.ଏଫ ବିଳମ୍ବରେ ତଥା ତାହାର ପରିମାଣ ମଧ୍ୟ ଖୁବ କମ ବୋଲି ସମାଲୋଚନା ମଧ୍ୟ କରେ । ତାହା ସହ କ୍ରମାଗତ ଭାବରେ ବି.ଜେ.ପି ଦେଶର ୪୧ ଲକ୍ଷ କର୍ମଚାରୀ ଓ ୫୦ ନିୟୁତ ଶ୍ରମିକଙ୍କୁ ଯେଉଁମାନେ କି, ପ୍ରତିମାସ ନିଜ ଦରମାରୁ କିଛି ଅଂଶ ଉକ୍ତ ଯୋଜନା ଅନୁଯାୟୀ ଜମା ରଖୁଛନ୍ତି ସେମାନଙ୍କ ପେନସନ ବୃଦ୍ଧି କରାଇବାକୁ ଦାବି କରିଆସୁଅଛି । ଶ୍ରୀ ପ୍ରକାଶ ଜାଭେଦକର ଏଥିପାଇଁ ରାଜ୍ୟସଭା ପିଟଇସନ କମିଟିରେ ଏକ ପିଟିସନ ଦାଖଲ ମଧ୍ୟ କରିଛନ୍ତି । ଯାହାକି ବର୍ଷା କାଳୀନ ଅଧିବେଶନରେ ସଦନରେ ଉପସ୍ଥାପିତ ହୋଇ ସର୍ବ ସମ୍ମତି ପାଇଥିଲା । ହେଲେ ଏପରି ସର୍ବସମ୍ମତି ପ୍ରାପ୍ତ ରିପୋର୍ଟକୁ ଗ୍ରହଣ କରିବା ପରିବର୍ତ୍ତେ ସରକାର ଓଲଟା ଲେବର ମିନିଷ୍ଟ୍ରିର ପୂରୁଣା ରିପୋର୍ଟକୁ ଗ୍ରହଣ କରୁଛନ୍ତି ।

ଆଜି ଦେଶର ହାରାହାରି ୫୦ ନିୟୁତ ଶ୍ରମିକ ନିଜ ଦରମାର ୮.୩୩% ପ୍ରୋଭିଡ଼େଣ୍ଟ ଫଣ୍ଡକୁ ଦେଉଛନ୍ତି ଏବଂ କମ୍ପାନୀ ମଧ୍ୟ ସେହି ୮.୩୩% ସେଠାରେ ଜମା ରଖୁଅଛି । ହେଲେ ସରକାର ତାଙ୍କୁ ମାତ୍ର ୧.୧୬% ଦେଉଅଛି । ଯାହାର ପରିଣାମ ସ୍ୱରୂପ ୪୧ ଲକ୍ଷ ପେନସନ ଉପଭୋକ୍ତାଙ୍କ ମଧ୍ୟରୁ ହାରାହାରି ୩୦ ଲକ୍ଷ ଉପଭୋକ୍ତା ପ୍ରତିମାସ ୧୦୦୦ ଟଙ୍କାରୁ କମ ପେନସନ ପାଉଛନ୍ତି ଓ ୨୦ ଲକ୍ଷରୁ ଅଧିକ ପେନସନ ଉପଭୋକ୍ତା ୫୦୦ ଟଙ୍କାରୁ କମ ପେନସନ ପାଉଛନ୍ତି । ବର୍ତ୍ତମାନ ସରକାର ଉକ୍ତ ଅର୍ଥରାଶିକୁ ୧.୧୬% ରୁ ୧.୭୯%କୁ ବୃଦ୍ଧି କରିବା କଥା ଚିନ୍ତା କରୁଅଛି । ହେଲେ ବି.ଜେ.ପି ଉକ୍ତ ଅର୍ଥରାଶିକୁ ୮.୩୩%କୁ ବୃଦ୍ଧି କରିବାକୁ ଦାବିକରେ ।

ଉ.ପା ସରକାର ସବୁଠାରୁ ଅଧିକ ଶ୍ରମିକ ବିରୋଧୀ ସରକାର ଭାବରେ ପରିଚିତ । ସେ ଶ୍ରମିକ ମାନଙ୍କୁ କେବଳ ଠିକା ଭାବରେ ବ୍ୟବହାର କରି ଫାଇଦା ଉଠାଇବାକୁ ଚାହୁଁଛନ୍ତି। ତେଣୁ ବି.ଜେ.ପି ଉକ୍ତ ଶ୍ରମିକ ମାନଙ୍କୁ ପ୍ରକୃତ ଅଧିକାର ତଥା ନୂତନ ସୁବିଧା ସୁଯୋଗ ଦେବା ପାଇଁ ପ୍ରତିଶ୍ରୁତି ବଦ୍ଧ ଅଟେ ।